**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଟେଲିଫୋନ୍ କଲ୍ କରିଛନ୍ତି ବ୍ରାଜିଲର ରାଷ୍ଟ୍ରପତି (ଅଗଷ୍ଟ 07, 2025)**

ଅଗଷ୍ଟ 08, 2025

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି (ଅଗଷ୍ଟ 07, 2025) ବ୍ରାଜିଲ ରାଷ୍ଟ୍ରପତି, ମହାମହିମ ଶ୍ରୀ ଲୁଇଜ୍ ଇନାସିଓ ଲୁଲା ଡା ସିଲଭାଙ୍କ ଠାରୁ ଏକ ଟେଲିଫୋନ୍ କଲ୍ ପାଇଛନ୍ତି।

ପ୍ରଧାନମନ୍ତ୍ରୀ ଗତ ମାସରେ ବ୍ରାଜିଲ୍ କୁ କରିଥିବା ଗସ୍ତ କଥା ମନେପକାଇ ଥିଲେ ଯେଉଁ ସମୟରେ ଦୁଇ ନେତା ବାଣିଜ୍ୟ, ପ୍ରଯୁକ୍ତି, ଶକ୍ତି, ପ୍ରତିରକ୍ଷା, କୃଷି, ସ୍ୱାସ୍ଥ୍ୟ ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଏକ ସଂଯୁକ୍ତ ଢାଞ୍ଚା ନିର୍ମାଣ ଉପରେ ସହମତ ହୋଇଥିଲେ।

ସେହି ସମସ୍ତ ବାର୍ତ୍ତାଳାପ ଉପରେ ଆଧାର କରି, ସେମାନେ ଭାରତ-ବ୍ରାଜିଲ୍ ରଣନୀତିକ ଭାଗିଦାରୀକୁ ନୂଆ ଉଚ୍ଚତାକୁ ନେଇଯିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଦୁଇ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ନିଜ ନିଜର ମତ ଆଦାନପ୍ରଦାନ କରିଥିଲେ।

ଉଭୟ ନେତୃବୃନ୍ଦ ପରସ୍ପର ସହିତ ସମ୍ପର୍କ ବଜାୟ ରଖିବା ପାଇଁ ସହମତ ପ୍ରକାଶ କରିଥିଲେ।

ନୂଆଦିଲ୍ଲୀ

ଅଗଷ୍ଟ 07, 2025